## ପଞ୍ଜାବ ମଦମୃତ୍ୟୁ ମାମଲା

# ମୃତ୍ୟୁସଂଖ୍ୟା ୮୬କୁ ବୃଦ୍ଧି

**ଚଣ୍ଡିଗଡ଼, ୧୮/ଏଜେନ୍ସି:**

ପଞ୍ଜାବରେ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁସଂଖ୍ୟା ୮୬କୁ ବୃଦ୍ଧିପାଇଛି । ତରନତାରନ ଜିଲ୍ଲାରେ ସବୁଠାରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । କେବଳ ଏହି ଜିଲ୍ଲାରେ ୪୨ ଜଣ ମୃତ୍ୟୁ ଘଟିଛି । ଏହାଛଡ଼ା ଅମୃତସରରେ ୧୧ ଜଣ ଓ ଗୁରୁଦାସପୁରରେ ୯ ଜଣଙ୍କ ପ୍ରାଣହାନୀ ଘଟିଛି । ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପଞ୍ଜାବ ପୁଲିସ ମହାନିର୍ଦ୍ଦେଶକ ଦିନକର ଗୁପ୍ତା କହିଛନ୍ତି ଯେ ୩ଟି ଜିଲ୍ଲାକୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା ଯୋଗାଣ ହୋଇଥିବା ମଦ ଯୋଗୁଁ ଏଭଳି ବିଭୀଷିକା ସୃଷ୍ଟି ହୋଇଛି । କେତେକ ବ୍ୟକ୍ତି ଗୁରୁତର ଅସୁସ୍ଥ ହୋଇ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ମଦ ମୃତ୍ୟୁ ହୋଇଥିବା ସମସ୍ତ ଅଞ୍ଚଳରେ ବ୍ୟାପକ ଚଢଉ ଚାଲିଛି । ପୁଲିସ ଇତି ମଧ୍ୟରେ ପ୍ରାୟ ୧୦୦ଟି ସ୍ଥାନରେ ଚଢଉ କରି ଶନିବାର ୧୭ଜଣଙ୍କୁ ଗିରଫ କରିଛି । ଫଳରେ ଗିରଫଙ୍କ ସଂଖ୍ୟା ୨୫କୁ ବୃଦ୍ଧି ପାଇଛି । ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରେ ମଦ ମାଫିଆ, ଜଣେ ଦାଗି ଅପରାଧୀ ଓ ଜଣେ ମହିଳା ▶▶ ୭